# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

## 18 November – 2025

---

## ଜଳଶକ୍ତି ଅଭିଯାନ- ପୁରସ୍କାର ରାଶି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଜଳ ସଂଚୟ ଜନଭାଗିଦାରୀ  ଅଭିଯାନ ଅଧୀନରେ ଷଷ୍ଠ ଜାତୀୟ ଜଳ ପୁରସ୍କାର ପ୍ରଦାନ କରିବେ। ଚଳିତ ବର୍ଷ ଏହି ଅଭିଯାନରେ ମୋଟ୍ ୧୦୦ଟି ପୁରସ୍କାର ପ୍ରଦାନ କରାଯିବ । ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବେ ଓଡ଼ିଶାର ଗଞ୍ଜାମ, ମୟୂରଭଞ୍ଜ, କଳାହାଣ୍ଡି, ରାୟଗଡ଼ା ଓ କଟକକୁ ପୁରସ୍କୃତ କରାଯିବ।  ବିଭିନ୍ନ ଜଳ ପ୍ରକଳ୍ପକୁ ସଫଳତାର ସହ କାର୍ଯ୍ୟକାରୀ କରିବା ପାଇଁ ଏହି ସବୁ ଜିଲ୍ଲାକୁ ୨୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯିବ ।

---

## ସମ୍ମିଳନୀ

ଭୁବନେଶ୍ୱର ଲୋକସେବା ଭବନରେ ଆଜିଠାରୁ ୨ ଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ସମ୍ମିଳନୀ ଆୟୋଜିତ ହେବ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ସମ୍ମିଳନୀରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକମାନଙ୍କ ସହ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେବେ ।

---

## ବାଣିଜ୍ୟ ମେଳା

ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଆୟୋଜିତ ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓଡ଼ିଶା ପାଭିଲିୟନ୍‌କୁ ପରିଦର୍ଶନ କରିଛନ୍ତି । ଏହି ଅବସରରେ ଶ୍ରୀ ସିଂହଦେଓ କହିଛନ୍ତି, ଓଡ଼ିଶା ପାଭିଲିୟନ୍ ଏକ ଭାରତ ଶ୍ରେଷ୍ଠ ଭାରତ ଓ ଆତ୍ମନିର୍ଭର ଭାରତ ତଥା ଓଡ଼ିଶା ଭିଜନ-୨୦୩୬ ଦୃଷ୍ଟିକୋଣର ଏକ ସମ୍ମିଳିତ ପ୍ରୟାଶ । ହସ୍ତଶିଳ୍ପ ପାଇଁ ବିଶ୍ୱ ଦରବାରରେ ପରିଚିତ ଓଡ଼ିଶା ଆଜି ପୁଞ୍ଜି ନିବେଶ ପାଇଁ ଏକ ଉପଯୁକ୍ତ କ୍ଷେତ୍ର ଭାବେ ପରିଚୟ ଲାଭ କରିଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । ଭାରତ ମଣ୍ଡପମ୍‌ଠାରେ ଗତ ୧୪ରୁ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ବାଣିଜ୍ୟ ମେଳା ଚାଲିବ ।

---

## ଉପମୁଖ୍ୟମନ୍ତ୍ରୀ- ଇକୋ ଟ୍ୟୁରିଜିମ୍

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦିନିକିଆ ଗଜପତି ଗସ୍ତରେ ଯାଇ ପ୍ରସିଦ୍ଧ ଶୈବପୀଠ ମହେନ୍ଦ୍ରଗିରିଠାରେ ନବନିର୍ମିତ ଇକୋ ଟ୍ୟୁରିଜିମ୍ କଟେଜ୍ ତଥା ରିସୋର୍ଟ୍‌ର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଶ୍ରୀମତୀ ପରିଡ଼ା ମହେନ୍ଦ୍ରଗିରିର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରସ୍ତୁତ ହୋଇଥିବା ଡିପିଆର୍ ଉପରେ ସମୀକ୍ଷା କରିଥିଲେ । ସେଠାରେ ଆରମ୍ଭ କରାଯାଇଥିବା ଇକୋ ଟ୍ୟୁରିଜିମ୍ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି କରିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

---

## ଓଡ଼ିଶା ପର୍ବ

ରାଜ୍ୟ ସରକାରଙ୍କ ପକ୍ଷରୁ ବେଙ୍ଗାଲୁରୁଠାରେ ଆୟୋଜିତ ୩ ଦିନିଆ ଓଡ଼ିଶା ପର୍ବ-୨୦୨୫ ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ଦିବସରେ ରାଜ୍ୟ ପର୍ଯ୍ୟଟନ ବିଭାଗର କମିଶନର ବଲବନ୍ତ ସିଂ ସମ୍ଭାବ୍ୟ ନିବେଶକଙ୍କ ସହ ଆଲୋଚନା କରିଥିଲେ । ଏହି ଅଧିବେଶନରେ ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ, ଉନ୍ନତ ସଂଯୋଗ ଓ ଭିତ୍ତିଭୂମି ବିକାଶ ପ୍ରଦର୍ଶିତ ହୋଇଥିଲା । ମହୋତ୍ସବରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ, କଳା, ବିବିଧ ଖାଦ୍ୟ, ହସ୍ତଶିଳ୍ପ ପ୍ରଦର୍ଶନୀ ଦର୍ଶକଙ୍କ ପ୍ରଶଂସା ସାଉଁଟିଥିଲା ।

## ଧନୁଯାତ୍ରା

ବଲାଙ୍ଗୀର ଜିଲ୍ଲା ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ପୁଇଁତଲା ଗ୍ରାମର ଖେଳପଡ଼ିଆରେ ଆୟୋଜିତ ପ୍ରଥମ ଧନୁଯାତ୍ରା ଉତ୍ସବରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଯୋଗଦେଇଛନ୍ତି । ସେ କହିଛନ୍ତି, ପଶ୍ଚିମାଞ୍ଚଳରେ ଧନୁଯାତ୍ରା ଏକ ପୁରାତନ ଲୋକସଂସ୍କୃତି । ତେଣୁ ଏହାକୁ ବଞ୍ଚାଇ ରଖିବା ଆମର କର୍ତ୍ତବ୍ୟ । ସଂପୃକ୍ତ ଯାତ୍ରା ପଡ଼ିଆର ଉନ୍ନତିକରଣ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ।

# ହ୍ୟୁମାନ ସାଗର-ପରଲୋକ

ଓଡ଼ିଆ ସଂଗୀତ ଜଗତର ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ୩୬ ବର୍ଷ ବୟସରେ ପରଲୋକ ହୋଇଛି । ହ୍ୟୁମାନ ଗତ କିଛିଦିନ ଧରି ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ହେଉଥିଲେ । ବଲାଙ୍ଗୀରର ଟିଟିଲାଗଡ଼ରେ ଜନ୍ମିତ ହ୍ୟୁମାନ ବହୁ ଓଡ଼ିଆ ସିନେମାରେ କଣ୍ଠଦାନ କରି ଖୁବ୍ ଲୋକପ୍ରିୟ ହୋଇପାରିଥିଲେ । ତାଙ୍କ ବିୟୋଗରେ  ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ବ୍ୟକ୍ତ କରିଛନ୍ତି ।

# ଦର ବୃଦ୍ଧି

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ମୁଦ୍ରିତ ଗଣମାଧ୍ୟମରେ ବିଜ୍ଞାପନ ଦର ୨୬ ପ୍ରତିଶତ ବୃଦ୍ଧି କରିଛନ୍ତି । ଦୈନିକ ୧ଲକ୍ଷରୁ ଅଧିକ ପ୍ରକାଶିତ ହେଉଥିବା ଖବରକାଗଜରେ କଳାଧଳା ବିଜ୍ଞାପନ ଦର ବର୍ଗ ସେଣ୍ଟିମିଟର ପିଛା ୪୭ ଟଙ୍କା ୪୦ ପଇସାରୁ ୫୯ ଟଙ୍କା ୬୮ ପଇସାକୁ ବୃଦ୍ଧି କରାଯାଇଛି । ଏହି ଦର ବୃଦ୍ଧି ଫଳରେ ସରକାର ଏବଂ ଗଣମାଧ୍ୟମ କ୍ଷେତ୍ର ଉଭୟ ଲାଭ ପାଇବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

# ସାଇବର ସୁରକ୍ଷା କାର୍ଯ୍ୟକ୍ରମ

ଗଞ୍ଜାମ ଜିଲ୍ଲା ପୋଲିସ୍ ପକ୍ଷରୁ ଗତ ୧ମାସ ଧରି ଚାଲିଥିବା ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି । ଛତ୍ରପୁର ଜିଲ୍ଲା ସଂସ୍କୃତି ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସାଇବର ଅପରାଧଠାରୁ ଦୂରେଇ ରହିବା ପାଇଁ ବ୍ୟାପକ ସଚେତନତା ଜରୁରୀ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ ।

# ପ୍ରସ୍ତୁତି ବୈଠକ

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୨୪ ତାରିଖରେ ଏକ ଜିଲ୍ଲାସ୍ତରୀୟ ଏକତା ପଦଯାତ୍ରା, ସାଂସ୍କୃତିକ ଓ ସଫେଇ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଜଣାପଡ଼ିଛି ।

# ପାରା ସୁଇମିଙ୍ଗ୍

ହାଇଦ୍ରାବାଦରେ ଚାଲିଥିବା ପାରା-ସୁଇମିଙ୍ଗ୍ ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ଗତକାଲି ଓଡ଼ିଶା ୨୬ଟି ପଦକ ହାସଲ କରିଛି । ଏଥିରେ ୪ଟି ସ୍ୱର୍ଣ୍ଣ, ୧୩ଟି ରୌପ୍ୟ ଓ ୯ଟି ବ୍ରୋଞ୍ଜ ପଦକ ରହିଛି । ଏହା ସହ ପ୍ରତିଯୋଗିତାରେ ଓଡ଼ିଶାର ପଦକ ସଂଖ୍ୟା ୩୩କୁ ବୃଦ୍ଧି ପାଇଛି ।

# ଶୀତ

ସମଗ୍ର ରାଜ୍ୟରେ ଶୀତର ପ୍ରଭାବ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଶୀତର ଲହରୀ ଜାରି ରହିବା ନେଇ କନ୍ଧମାଳ, ଝାରସୁଗୁଡ଼ା, ଖୋର୍ଦ୍ଧା ଏବଂ ସୁନ୍ଦରଗଡ଼ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି । ଗତକାଲି ୫ଟି ସହରର ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ୍ ତଳେ ରହିଥିଲା । କନ୍ଧମାଳର ଜି.ଉଦୟଗିରିଠାରେ ସର୍ବନିମ୍ନ ତାପମାତ୍ରା ୫ଦଶମିକ ୪ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିଲା ।